

ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ପୂର୍ବାହ୍ନ ୧୦ଟା।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟ ପରଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ମୟୂର ଆର୍ଟ ସେଣ୍ଟର ପକ୍ଷରୁ ଧୀରେନ୍ଦ୍ରନାଥ ପଟ୍ଟନାୟକଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀ, ଅନୁଷ୍ଠାନ ପ୍ରେକ୍ଷାଳୟ, ପ୍ଲଟ ନଂ ୧୦, ଭିଆଇପି ଏରିଆ, ଆଇଆର୍‌ସି ଭିଲେଜ, ମଧ୍ୟାହ୍ନ ୧୨ଟା ୩୦।
- ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ଅପରାହ୍ନ ୪ଟା।
- ପୁସ୍ତକ ଉନ୍ମୋଚନ ସମାରୋହ, ବୁଦ୍ଧ ମନ୍ଦିର, ଏଗାରତାଲା ଛକ, ଅପରାହ୍ନ ୪ଟା ୩୦।
- ରାଜ୍ୟସ୍ତରୀୟ ବୀରତା ଦିବସ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

**କଟକ**

- ମହିଳା ସମିତି ପକ୍ଷରୁ ଅନ୍ନପୂର୍ଣ୍ଣା ମହାରଣାଙ୍କ ଶ୍ରାଦ୍ଧବାର୍ଷିକ, ପିଲଗ୍ରୀମ ରୋଡ, ଅପରାହ୍ନ ୩ଟା ୩୦।
- ଶ୍ରୀ ଶ୍ରୀ ରାମକୃଷ୍ଣ ଦେବଙ୍କ ୧୧୬ତମ କଳ୍ପତରୁ ଉତ୍ସବ, ରାମକୃଷ୍ଣ କୁଟୀର, ବଙ୍ଗାଳି ସାହି, ସନ୍ଧ୍ୟା ୬ଟା।

**ପୁରୀ**

- ମହୋଦଧି ପାଠାଗାରର ଉଦ୍‌ଘାଟନ, ୱାର୍ଟର ୱାର୍କସ ରୋଡ, ସକାଳ ୯ଟା ୪୫ ।
- ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ସାହିତ୍ୟ ଆସର ଓ କବିତା ପାଠୋତ୍ସବ, ସାଲବେଗ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା।
- ସିଦ୍ଧ ମହାବୀର ସଙ୍ଗୀତ ପରିଷଦର ବାର୍ଷିକୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

# 'ଜିରୋ ନାଇଟ୍' ପାଇଁ ପ୍ରସ୍ତୁତ ରାଜଧାନୀ

# କାଉଣ୍ଟଡାଉନ୍ ଆରମ୍ଭ



**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**

ଇଂଲିଶ କ୍ୟାଲେଣ୍ଡର ଅନୁସାରେ ପୁରୁଣା ବର୍ଷ ଶେଷ ହୋଇ ନୂଆବର୍ଷ ଆରମ୍ଭ ହେବାକୁ ଆଉ ମାତ୍ର କେଇ ଘଣ୍ଟା ବାକି ରହିଛି। ତେଣୁ ନୂଆବର୍ଷକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଏବେଠାରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଗଲାଣି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଏଥିପାଇଁ ଚାଲିଛି ସ୍ୱତନ୍ତ୍ର ପ୍ରସ୍ତୁତି। ସେଲିବ୍ରେଶନ ମାହୋଲରେ ମସଗୁଲ୍ ହୋଇଛି ପୁରା ସହର। ଗ୍ଲାମର୍ସ ଷ୍ଟାଇଲରେ ୨୦୧୯କୁ ବିଦାୟ ଦେଇ ୨୦୨୦କୁ ସ୍ୱାଗତ କରିବାକୁ ଯୁବପିଢ଼ିମାନେ ଲାଗିପଡ଼ିଛନ୍ତି। ଅପେକ୍ଷା ରହିଛି ମଙ୍ଗଳବାର ମଧ୍ୟରାତ୍ରକୁ। ସେପଟେ ଯୁବପିଢ଼ିଙ୍କ ନୂଆବର୍ଷ ପାଳନର ଉତ୍ସାହକୁ ଦୃଷ୍ଟିରେ ରଖି ସହରର ଛୋଟ ବଡ଼ ହୋଟେଲ, ରେସ୍ତୋରା, କଫିଶପ୍, ଶପିଂମଲ୍ ଓ ଡିଜେ କ୍ଲବ୍‌ଗୁଡ଼ିକରେ ସହରର ସମସ୍ତ ହାଟେଲ ଓ କ୍ଲବ। ଏଥର ନୂଆବର୍ଷ ସେଲିବ୍ରେଶନ୍ ପାଇଁ କେଉଁଠି କ'ଣ ଅଫର୍ ରହିଛି ତା'ର ତାଲିକା ବିଭିନ୍ନ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ରହିଛି। ଅନେକ ହୋଟେଲ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଟିକେଟ୍ ବୁକିଂ କରୁଛନ୍ତି। କେତେକ ସ୍ଥାନରେ କପଲ୍ ଏଣ୍ଟ୍ରିରେ ରିହାତି ରହିଛି ତ ଆଉ କେଉଁଠି ୪ଟି ଟିକେଟ୍‌ରେ ରହିଛି ସ୍ୱତନ୍ତ୍ର ଅଫର୍। ତେବେ ଏଥର ପ୍ରାୟ ସବୁଠି ଅନ୍‌ଲିମିଟେଡ୍ ଫୁଡ୍, ସ୍ନାକ୍ସ ଓ ଡ୍ରିଙ୍କ୍ସର ବ୍ୟବସ୍ଥା କରାଯାଇଛି।

'ଜିରୋ ନାଇଟ୍' ସେଲିବ୍ରେଶନ ଲାଗି ଜୋରଦାର ପ୍ରସ୍ତୁତି ଚାଲିଛି। ମଙ୍ଗଳବାର ରାତିରେ ରାଜଧାନୀର ବିଭିନ୍ନ ହୋଟେଲରେ ଆୟୋଜିତ ହେବ 'ଜିରୋ ନାଇଟ୍ ପାର୍ଟି'। ସନ୍ଧ୍ୟା ୮ଟାରୁ ସେଲିବ୍ରେଶନ ଆରମ୍ଭ ହୋଇ ମଧ୍ୟରାତି ପର୍ଯ୍ୟନ୍ତ ଚାଲିବ। ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି କେତେକ ତାରକା ହୋଟେଲ ବିଦେଶୀ ଡ୍ୟାନ୍ସରଙ୍କ ନୃତ୍ୟ ସହ ଡିଜେ ନାଇଟ୍‌ର ଆୟୋଜନ କରିଥିବାବେଳେ ଆଉ କେତେକ ହୋଟେଲ ଓ କ୍ଲବ ଗୀତନାଚକୁ ଗୁରୁତ୍ୱ ନ ଦେଇ ଭଲିକିଭଲି ଖାଦ୍ୟ, ପାନୀୟର ଅଫର୍ ସହ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି।

ସେହିପରି କେତେକ ଆୟୋଜକ ଷ୍ଟାର୍ ସେଲିବ୍ରିଟିଙ୍କୁ ଜିରୋ ନାଇଟ୍‌ର ମୁଖ୍ୟ ଆକର୍ଷଣ ଭାବେ ବାଛିଛନ୍ତି। ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଆୟୋଜିତ ହେବାକୁ ଥିବା 'ଜିରୋ ନାଇଟ୍ ପାର୍ଟି'ର ବିଭିନ୍ନ କାର୍ଯ୍ୟକ୍ରମ ସୂଚୀ ଘୋଷଣା କରାଯାଇଛି। ଆକର୍ଷଣ ବଢ଼ାଇବାକୁ ସାଜସଜ୍ଜା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ରଙ୍ଗିନ ଆଲୋକରେ ଝଲସୁଛି ଜିରୋ ନାଇଟ୍ ସେଲିବ୍ରେଶନ୍ ଲାଗି ସ୍ୱସ୍ତି ପ୍ରିମିୟମ୍ ହୋଟେଲ ଆୟୋଜନ କରୁଛି 'ସିମର ୨୦୨୦'। ହୋଟେଲର ଚାଣକ୍ୟ ହଲ୍‌ରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଡିଜେ କିରଣ, ଡିଜେ ଅଭିଷେକ ଓ ଡିଜେ ତୁଷାରଙ୍କ ସହ ଝୁମିବେ ଦର୍ଶକ। ଥାଇଲାଣ୍ଡର ବ୍ୟାଙ୍କକ୍‌ରୁ ଆସୁଥିବା ସାଲ୍‌ସା ଡ୍ୟାନ୍ସ ଗ୍ରୁପ୍ ଏଠାରେ ମୁଖ୍ୟ ଆକର୍ଷଣ ରହିବ। ସନ୍ଧ୍ୟା ୮ଟା ୩୦ରୁ ଆରମ୍ଭ ହୋଇ ରାତି ୧୨ଟା ପର୍ଯ୍ୟନ୍ତ ସେଲିବ୍ରେଶନ୍ ଚାଲିବ। ଏଠାରେ ଜଣକ ପାଇଁ ଏଣ୍ଟ୍ରି ଫି' ୫୯୯୯ ଟଙ୍କା ରହିଥିବାବେଳେ କପଲ୍‌ଙ୍କ ଲାଗି ୭,୬୯୯ ଟଙ୍କା ଓ ପିଲାଙ୍କ ପାଇଁ ୧,୧୧୧ଟଙ୍କା ରହିଛି। ସେହିପରି ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାଶନାଲ୍ ପକ୍ଷରୁ ଜିରୋ ନାଇଟ୍ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ବୟସ୍କ ଓ ପିଲାଙ୍କ ପାଇଁ ରହିଛି ସ୍ୱତନ୍ତ୍ର ପ୍ୟାକେଜ୍। ଡିଜେ ନାଇଟ୍ ସାଙ୍ଗକୁ ବଲିଉଡ୍ କଣ୍ଠଶିଳ୍ପୀଙ୍କ ଗୀତରେ ମତୁଆଲା ହେବେ ଦର୍ଶକ। ବ୍ରାଜିଲ୍‌ର ବେଲି ଡ୍ୟାନ୍ସର୍ ଅଲିଭେରିଆଙ୍କ ନୃତ୍ୟ ରହିବ ମୁଖ୍ୟ ଆକର୍ଷଣ। ଏହାସହ କଣ୍ଠଶିଳ୍ପୀ ଶଶାଙ୍କ ଓ ଜାଜ୍ଞସେନୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ଏଠାରେ କପୁଲ୍ ଏଣ୍ଟ୍ରି ପାଇଁ ୬୯୯୯ ଟଙ୍କା ରହିଥିବାବେଳେ ସିଙ୍ଗଲ୍‌ଙ୍କ ଲାଗି ୪୪୯୯ ଓ ଛୋଟଛୁଆଙ୍କ ପାଇଁ ୧୯୯୯ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ଅନ୍ୟପଟେ ହୋଟେଲ ମେ' ଫେୟାର୍‌ରେ ମଧ୍ୟ ନୂଆବର୍ଷ ପାଇଁ କରାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏଠାରେ ଫ୍ୟାମିଲି, ଫ୍ରେଣ୍ଡସଙ୍କ ସହ ଜିରୋ ନାଇଟ୍ ସେଲିବ୍ରେଶନ୍‌ର ମଜା ନେଇପାରିବେ ଗ୍ରାହକ। ନୂଆବର୍ଷରେ ଆତ୍ମୀୟଙ୍କ ସହ ଡିନର୍‌ର ମଜା ନେବା ପାଇଁ ହୋଟେଲ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି। ଫ୍ୟାମିଲି ନ୍ୟୁ ଇୟର୍ ଡିନର୍ ପାଇଁ ଆସୁଥିବା ଗ୍ରାହକଙ୍କ ପାଇଁ ଟେବୁଲ ଉପରେ ପୂର୍ବରୁ ଉପହାର ରଖାଯିବ ବୋଲି ହୋଟେଲ ପକ୍ଷରୁ କୁହାଯାଇଛି। ଏଥିପାଇଁ ମାତ୍ର ୨ହଜାର ଟଙ୍କା ରହିଛି। ସେହିଭଳି ହୋଟେଲ ଏମ୍ପାୟରରେ ଅର୍କେଷ୍ଟ୍ରା, ଡ୍ୟାନ୍ସ, ଡିଜେ ସାଙ୍ଗକୁ ଅନ୍‌ଲିମିଟେଡ୍ ଫୁଡ୍‌ର ମଜା ନେବେ ଗ୍ରାହକ। ଏଠାରେ କପଲଙ୍କୁ ୪୦୦୦ ଟଙ୍କା ଏଣ୍ଟ୍ରି ଫି' ଦେବାକୁ ହେବ। ସେହିପରି ସିଙ୍ଗଲ୍‌ଙ୍କ ପାଇଁ ୨୫୦୦ଟଙ୍କା ଏଣ୍ଟ୍ରି ଫି' ରହିଛି। ହୋଟଲ ପୁଷ୍ପକରେ ସଙ୍ଗୀତ ସାଙ୍ଗକୁ ଡିଜେର ବ୍ୟବସ୍ଥା କରାଯାଇଛି। ଏଠାରେ ଫ୍ୟାଶନ ଶୋ ରହିବ କାର୍ଯ୍ୟକ୍ରମର ମୁଖ୍ୟ ଅକର୍ଷଣ। ଏଣ୍ଟ୍ରି ନିମନ୍ତେ କପଲ୍‌ଙ୍କ ଲାଗି ୩,୭୯୯ ଟଙ୍କା ରହିଛି। ହୋଟେଲ ପ୍ରେସିଡେନ୍ସିରେ ଜିରୋ ନାଇଟ୍ ସେଲିବ୍ରେଶନ 'ଡ୍ରିମ୍ ନାଇଟ୍'ରେ ଡିଜେ ନାଇଟ୍‌ରେ ମସଗୁଲ ହେବେ ଲୋକେ। ଏଠାରେ ଷ୍ଟାଗ୍ ୮୯୯ ଟଙ୍କା ଥିବାବେଳେ କପଲ୍‌ଙ୍କ ପାଇଁ ୧୫୯୯ ଟଙ୍କା ରହିଛି। ସେହିପରି ନ୍ୟୁ ମାରିୟନ୍, ପ୍ରେସିଡେନ୍ସି, ହୁକି ଡୁକି, ଜନତା ମଇଦାନ, ବରମୁଣ୍ଡା ପଡ଼ିଆ ଆଦିରେ ବିଭିନ୍ନ ସଂସ୍ଥା ପକ୍ଷରୁ ଜିରୋ ନାଇଟ୍ ପାଇଁ ସ୍ୱତନ୍ତ୍ର ଆୟୋଜନମାନ କରାଯାଇଛି।





## ଅନ୍ତର୍ଜାତୀୟ ଓଡ଼ିଶୀନୃତ୍ୟ ମହୋତ୍ସବ ଉଦ୍‌ଯାପିତ

## ମନ ମୋହିଲା ଆହାକି ସୁନ୍ଦର ସଖୀ

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ):** ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ୫ ଦିନିଆ ଅନ୍ତର୍ଜାତୀୟ ଓଡ଼ିଶୀନୃତ୍ୟ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ଶ୍ରୀମୟୀ ଅନୁଷ୍ଠାନ ପୂର୍ବାହ୍ନ ଅଧିବେଶନରେ ଦଳଗତ ନୃତ୍ୟରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ନୃତ୍ୟ ପରିବେଷଣ କରିଥିଲେ ଭୁବନେଶ୍ୱରର ପ୍ରିୟଦର୍ଶିନୀ ରାଉତ, ପୁରୀର ଯୁଧିଷ୍ଠିର ପ୍ରଧାନ, ଖୋର୍ଦ୍ଧାର ଅଭିପ୍‌ସା ଭଞ୍ଜ, ଅଷ୍ଟ୍ରେଲିଆର ସାମ ଗୋରାୟା। ଅପରାହ୍ନ ଅଧିବେଶନରେ ସାଉଥ ଆଫ୍ରିକାର ଆସିଥିବା ସୌମ୍ୟା ସେଫାଲିକା ଦାଶଙ୍କ ଦ୍ୱାରା ଅଭିନୟ 'ଆହାକି ସୁନ୍ଦର ସଖୀ' ଯାହା ରାଗ ବୃନ୍ଦାବନ ସାରଙ୍ଗ ଓ ତାଳ ଏକତାଳୀ ଦର୍ଶକଙ୍କ ମନ ମୋହିଥିଲା। ସଂଧ୍ୟା ଅଧିବେଶନରେ ଅରୁଣିମା ଆଚାର୍ଯ୍ୟ ରାଗ ମେଘ ଓ ତାଳ ମାଳ ଉପରେ ବର୍ଷା ଅଭିସାର ପରିବେଷଣ କରିଥିଲେ। ଶେଷରେ ନକ୍ଷତ୍ର ଗୁରୁକୁଳର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ ବେଶ୍ ଉଚ୍ଚକୋଟୀର ଥିଲା। ଯାହା ଦର୍ଶକମାନଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା। ସନ୍ଧ୍ୟା ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେସୂର୍ଯ୍ୟ ପଟ୍ଟନାୟକ, ଅଞ୍ଜଳିକା ପଟ୍ଟନାୟକ, ଇତି ସାମନ୍ତ, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଫେସର ମୋହନୀକାନ୍ତ ମିଶ୍ର, ସ୍ନେହପ୍ରଭା ସାମନ୍ତ ରାୟ, ଏସ. କେ. ଟାମୋଟିଆ ଏବଂ ସଙ୍ଗୀତା ଗୋସାଇଁ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମୃତ୍ୟୁଞ୍ଜୟ ରଥ।

# ପୁରୀ: ନୂଆବର୍ଷ ଲାଗି ଟ୍ରାଫିକ୍ କଟକଣା

**ପୁରୀ ଅଫିସ, ୩୦।୧୨**

ନୂତନ ବର୍ଷରେ ଶ୍ରୀକ୍ଷେତ୍ରରେ ପ୍ରବଳ ଜନସମାଗମ ହେବ। ଏନେଇ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ଓ ପାର୍କିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ି ପାର୍କିଂ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ଅସୁବିଧା ନ ହେବ ସେଥିଲାଗି ଦୃଷ୍ଟି ଦିଆଯିବ। ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ ଲାଗି ସହରରେ ୨୨ଟି ଅସ୍ଥାୟୀ ପୋଲିସ କ୍ୟାମ୍ପ, ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ବ୍ୟବସ୍ଥା ରହିବ। ୩୧ ତାରିଖ ମଧ୍ୟରାତ୍ରିରୁ ଜାନୁୟାରୀ ୧ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଛି ବୋଲି ସୋମବାର ଏସପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

**ମାର୍କେଟ କମ୍ପ୍ଲେକ୍ସରେ ରହିବ ଦୁଇଚକିଆ**

ଟ୍ରାଫିକ ନିୟନ୍ତ୍ରଣ ଦୃଷ୍ଟିରୁ ସିଂହଦ୍ୱାର ନିକଟକୁ ସମସ୍ତ ଯାନବାହନ ଚଳାଚଳ ଉପରେ କଟକଣା କରାଯାଇଛି। ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ ପରେ ଏହାକୁ ଦୁଇ ଚକିଆ ଯାନର ପାର୍କିଂସ୍ଥଳ କରାଯାଇଛି। ଏହି ସ୍ଥାନ ଫୁଲ ହେବା ପରେ ମୋଚିସାହି ଛକରେ ଅନ୍ୟ ଏକ ପାର୍କିଂ ବ୍ୟବସ୍ଥା କରାଯିବ। ସମସ୍ତ ଦୁଇ ଚକିଆ ଯାନ ମେଡିକାଲ ଛକରୁ ଝାଡେଶ୍ୱରୀ ଛକ, ଟାଉନ ହଲ ଛକ ଦେଇ ଏଠାରେ ରହିବେ। ବେଳାଭୂମି ଦିଗବାରେଣୀ ପାର୍କିଂ ଏବଂ ଯାତ୍ରୀକାଠାରେ ପାର୍କିଂ କରିପାରିବେ।

**ଚାରିଚକିଆ ଯାନ ପାର୍କିଂ**

ଶ୍ରୀମନ୍ଦିରକୁ ଆସୁଥିବା ଚାରିଚକିଆ ଯାନ ଲାଗି ଜଗନ୍ନାଥ ବଲ୍ଲଭ, ପୁରୁଣା ଜେଲ ପଡିଆରେ ବ୍ୟବସ୍ଥା ରହିଛି। ଏହି ସ୍ଥାନ ପୂର୍ଣ୍ଣ ହେବା ପରେ ଗୁଣ୍ଡିଚା ମନ୍ଦିର, ଶରଧାବାଲି, ମଙ୍ଗଳାଘାଟ ଦେଇ ଫ୍ଲୋରିସ ଇଣ୍ଡିଆ ଓ ଯାତ୍ରିକାରେ ପାର୍କିଂ କରାଯିବ। ଗୁଣ୍ଡିଚା ମନ୍ଦିର ପାର୍କିଂ ଫୁଲ ହେଲେ ତାଳବଣିଆ ଇନଡୋର ଷ୍ଟାଡିୟମ ଏବଂ ଆଇଟିଆଇ ଛକରେ ଯାନବାହନ ପାର୍କିଂ କରିବେ। ଏହି ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଭିଡ଼ ସ୍ଥାନରେ ପାର୍କିଂ ପାଇଁ ଅନୁମତି ନ ଦେବା ଲାଗି ପୌର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

**ପାସେଞ୍ଜର, ଟୁରିଷ୍ଟ ବସ୍ ଯାତାୟାତ**

ଭୁବନେଶ୍ୱରରୁ ପୁରୀ ଆସୁଥିବା ଦୈନିକ ଘରୋଇ ବସ ଅଠରନଳା, ନବକଳେବର ରୋଡ ଦେଇ ମ୍ୟୁନିସିପାଲିଟି ବସଷ୍ଟାଣ୍ଡରେ ପ୍ରବେଶ କରିବେ। ବ୍ରହ୍ମଗିରି ପଟୁ ଆସୁଥିବା ଘରୋଇ ବସ ଜଟିଆ ବାବାଜୀ ଛକ ପର୍ଯ୍ୟନ୍ତ ଆସିବେ, ସେହି ରୁଟ ଦେଇ ଫେରିବେ। ସେହିପରି କୋଣାର୍କ ପଟୁ ଆସୁଥିବା ଗ୍ରୀଡ ଛକ ବାଲିଘାଟ, ମାଟିଆପଡା ଛକ ଦେଇ ବସଷ୍ଟାଣ୍ଡରେ ପ୍ରବେଶ କରିବେ। ସେହିଭଳି ବାହାର ରାଜ୍ୟର ଟୁରିଷ୍ଟ ବସ ମାଲତିପାଟପୁର ଟୁରିଷ୍ଟ ବସଷ୍ଟାଣ୍ଡରେ ରଖିବେ। ସେଠାରୁ ପର୍ଯ୍ୟଟକମାନେ ଅଟୋ ଓ ମିନିବସ ଯୋଗେ ଶ୍ରୀମନ୍ଦିର ଆସିପାରିବେ। କୋଣାର୍କରୁ ଆସୁଥିବା ଟୁରିଷ୍ଟ ବସ ତୋଷାଳି ପ୍ଲାଜା ଛକ, ବାଇଦାସ ନଗର, ଆରଓବି ଦେଇ ମାଲତିପାଟପୁରରେ ପାର୍କିଂ କରିବେ। ଭୁବନେଶ୍ୱର ପଟୁ ସାତପଡା ଚିଲିକା ଲାଗି ଆସୁଥିବା ଟୁରିଷ୍ଟ ବସ ବାଟଗାଁ ମଙ୍ଗଳାଘାଟ ବାଇପାସ ଦେଇ ଜାତୀୟ ରାଜପଥ ଦେଇ ସାତପଡା ଯିବେ। ଭାରିଯାନ ଯଥା ଟ୍ରକ, ଟ୍ରାକ୍ଟର, ମାଲ ବୋଝେଇ ଟ୍ରକ ଆଦିର ସହରରେ ପ୍ରବେଶ ଉପରେ କଟକଣା ରହିବ। ଏହା ୩୧ ଓ ୦୧ ତାରିଖ ଦୁଇଦିନ ଧରି ବଳବତ୍ତର ରହିବ।

**ମୁତୟନ ହେବେ ୬୦ପ୍ଲାଟୁନ ଫୋର୍ସ**

ନୂଆ ବର୍ଷରେ ଭକ୍ତଙ୍କ ଭିଡ଼କୁ ଦେଖି ପୋଲିସ ପକ୍ଷରୁ ୬୦ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏହାସହ ୨ କମାଣ୍ଡାଣ୍ଟ, ୧୦ ଏଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୨୫ ଡିଏସପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୬୦ ଆଇଆଇସି/ଏସ୍‌ଆଇ ଓ ଏଏସ୍‌ଆଇ, ୮୦୦ଜଣ କନଷ୍ଟେବଳ ଓ ହାବିଲଦାର ନିୟୋଜିତ ରହିବେ। ମୁଖ୍ୟତଃ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣରେ କୌଣସି ସମସ୍ୟା ସୃଷ୍ଟି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

**୩-ଥାକିଆ ବ୍ୟବସ୍ଥା**

ବଡ଼ଦାଣ୍ଡରେ ଭକ୍ତଙ୍କ ଯାତାୟାତବେଳେ ଯେପରି ଅସୁବିଧା ନ ହେବ ସେଥିପାଇଁ ଚଳିତବର୍ଷ ୩ ଥାକିଆ ବ୍ୟବସ୍ଥା କରାଯାଇଛି। ସିଂହଦ୍ୱାର ନିକଟରୁ ମାର୍କେଟ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ରାସ୍ତା ମଝିରେ ବ୍ୟାରିକେଡ କରାଯାଇଛି। ବ୍ୟାରିକେଡ ମଝିରେ ଭକ୍ତମାନେ ଯାଇ ଦର୍ଶନ ସାରି ଡାହାଣ ପାର୍ଶ୍ୱରେ ଫେରିବେ। ସେହିପରି ବାମପଟେ କେବଳ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ଯାତାୟାତ କରିବେ। ଏହାସହ ବ୍ୟାରିକେଡରେ ପାନୀୟ ଜଳ ବ୍ୟବସ୍ଥା ରହିବ। ବରିଷ୍ଠ ନାଗରିକଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ପୁଣି ବୟସ୍କ ବ୍ୟକ୍ତି, ଦିବ୍ୟାଙ୍ଗ ଲାଗି ବ୍ୟାଟେରି ଚାଳିତ ଅଟୋ ବ୍ୟବସ୍ଥା ରହିବ।

# କଟକ: ମୁତୟନ ହେବେ ୧୩ ପ୍ଲାଟୁନ ଫୋର୍ସ

**କଟକ ଅଫିସ, ୩୦।୧୨**

ଆଉ ମାତ୍ର କିଛି ଘଣ୍ଟା ପରେ ବିଦାୟ ନେବ ୨୦୧୯। ନୂତନ ବର୍ଷକୁ ବେଶ୍ ଧୁମ୍‌ଧାମ୍‌ରେ ସ୍ୱାଗତ କରିବେ ସହରବାସୀ। ଏଥିପାଇଁ କଟକର ସମସ୍ତ କ୍ଲବରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ପୂର୍ବରୁ ଏହି ଜିରୋ ଆୱାର ପାଳନ ବେଳେ ସହରର ଯୁବପିଢୀ ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ କରିଥିବା ନଜିର ରହିଛି। ଏପରି କି ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣା ମଧ୍ୟ ଘଟିଥାଏ। ତେଣୁ ଏହି ସମୟରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ସହରରେ ୧୩ ପ୍ଲାଟୁନ ଫୋର୍ସ ମୃତୟନ କରାଯିବା ସମେତ ସମସ୍ତ ଏସିପି ଓ ଥାନା ଅଧିକାରୀଙ୍କୁ ନିୟୋଜିତ କରାଯିବ। ଏହି ସମସ୍ତ ବ୍ୟବସ୍ଥାକୁ ୨ଜଣ ଅତିରିକ୍ତ ଡିସିପି ତଦାରଖ କରିବେ। ଜିରୋ ଆୱାର ସେଲିବ୍ରେଶନ ପାଇଁ ସହରର ଗଳିକନ୍ଦିରେ ପୋଲିସ ମୁତୟନ କରାଯିବ। ରାତିରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯିବା ସହ ନିଶାସକ୍ତ ଗାଡି ଚାଳକଙ୍କ ଉପରେ ସତର୍କ ଦୃଷ୍ଟି ରଖାଯିବ। ବିଶେଷ କରି ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇଲେ ଓ ଗଣ୍ଡଗୋଳ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଥାନାଧିକାରୀମାନଙ୍କୁ ଡିସିପି ଅଖିଳେଶ୍ୱର ସିଂ ନିର୍ଦ୍ଦେଶ ଦେଇଛନ୍ତି।

**ମଦପିଇ ଗାଡ଼ି ଚଳାଇଲେ, ଗଣ୍ଡଗୋଳ କଲେ ଗିରଫ ହେବେ**



ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଜି ରାତି ୧ଟା ପର୍ଯ୍ୟନ୍ତ ଖୋଲା ରହିବ ମଦଦୋକାନ

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**

ଜିରୋ ଆୱାର ସେଲିବ୍ରେଶନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଘୋଷଣା କରାଯାଇଛି। ମଙ୍ଗଳବାର ରାତି ଗୋଟାଏ ପର୍ଯ୍ୟନ୍ତ କଟକ ମହାନଗର ନିଗମ ଅଞ୍ଚଳ, ଭୁବନେଶ୍ୱର ଏବଂ ପୁରୀ ପୌରାଞ୍ଚଳରେ ମଦଦୋକାନ ଖୋଲା ରହିବ। ଅବକାରୀ ଆଇନ-୨୦୦୮ ଧାରା ୯୩ ଅନୁଯାୟୀ ମଦ ଦୋକାନୀମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ବିକ୍ରି ଲାଗି ଅନୁମତି ମିଳିଛି। ଲୋକଙ୍କୁ ଇଚ୍ଛାକୁ ନଜରରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ମଦଦୋକାନୀମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ନୂଆବର୍ଷ ରାତିରେ ବ୍ୟବସାୟ ଭଲ ହେବ ବୋଲି ଆଶା ରଖିଛନ୍ତି।

**ମଦ ପିଇ ଗାଡ଼ି ଚଲାଇଲେ ଫାଇନ୍ କାଟିବ ପୋଲିସ**

ଅନ୍ୟପଟରେ ମଦୁଆ ଗାଡ଼ି ଚାଳକଙ୍କୁ ଧରିବା ଲାଗି କମିଶନରେଟ ପୋଲିସ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି କରାଯାଇଛି। ନୂଆବର୍ଷ ଦିନ ରାଜଧାନୀରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ମଦ ପିଇ ଗାଡ଼ି ଚଲାଇଲେ, ଗଣ୍ଡଗୋଳ କଲେ ଏବଂ ଦ୍ରୁତ ଗତିରେ ଗାଡ଼ି ଚଲାଇଲେ ପୋଲିସ ସେମାନଙ୍କୁ ଗିରଫ କରିବ। ଏପରି କି ଡିସିପି ଏବଂ ଅତିରିକ୍ତ ଡିସିପି ରାଜଧାନୀର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରିବେ। ଏହାସହ ବିଭିନ୍ନ ଛକରେ ବ୍ଲକିଂ ଏବଂ ଚେକିଂ କରାଯିବ। କଳିଙ୍ଗସେନା ଏବଂ ବଜରଙ୍ଗ ଦଳ ପକ୍ଷରୁ ହୋଟେଲ, କ୍ଲବ ଓ ପବ୍‌ରେ ଅଶ୍ଳୀଳ ନୃତ୍ୟକୁ ବିରୋଧ କରାଯାଇଛି। ଯେଉଁଠି ଅଶ୍ଳୀଳ ନୃତ୍ୟ ଚାଲୁଥିବ, ସେଠାରେ କଳିଙ୍ଗସେନା ପକ୍ଷରୁ ଚଢ଼ାଉ କରାଯାଇ ତାଣ୍ଡବନୃତ୍ୟ କରାଯିବ ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ହୋଟେଲ ମାଲିକମାନେ ଡିସିପିଙ୍କ ନିକଟରେ ସୁରକ୍ଷା ଲୋଡ଼ିଛନ୍ତି। ଏନେଇ ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଡିସିପି ଅନୁପ ସାହୁ କହିଛନ୍ତି।


**ପୂର୍ବ ତଟ ରେଳପଥ**

**ଏକକ ବିଜ୍ଞାପନ ଅଧିକାର**

[illegible] SDCM-KUR-NFR-Vinyl Wrapping/1-7, ତା: 20.12.2019

[illegible]

**କ୍ର.ସଂ. 1-** ମେମୁ ଟ୍ରେନ୍‌ର ନାମ : 68422-68421 ପୁରୀ-ଅନୁଗୋଳ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : 06 ଦିନ।

**କ୍ର.ସଂ. 2-** ମେମୁ ଟ୍ରେନ୍‌ର ନାମ : 68413-68414 ପୁରୀ-ତାଳଚେର, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : 06 ଦିନ।

**କ୍ର.ସଂ. 3-** ମେମୁ ଟ୍ରେନ୍‌ର ନାମ : 68411-68412 ଓ 68408-68407 ବ୍ରହ୍ମପୁର-ଭୁବନେଶ୍ୱର-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।

**କ୍ର.ସଂ. 4-** ମେମୁ ଟ୍ରେନ୍‌ର ନାମ : 68415-68416 ଓ 68437-68438 ପୁରୀ-କଟକ-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।

**କ୍ର.ସଂ. 5-** ମେମୁ ଟ୍ରେନ୍‌ର ନାମ : 68402-68401 ଓ 68424-68423 ପାରାଦୀପ-କଟକ-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।

**କ୍ର.ସଂ. 6-** ମେମୁ ଟ୍ରେନ୍‌ର ନାମ : 68434-68438 ଓ 68437-68401 ଇଛାପୁରମ-କଟକ-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।

**କ୍ର.ସଂ. 7-** ମେମୁ ଟ୍ରେନ୍‌ର ନାମ : 68435-68436 ଓ 68433-48434 କଟକ-ପାରାଦୀପ-ଇଛାପୁରମ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।

**ପ୍ରଥମ ବର୍ଷ ପାଇଁ ସର୍ବନିମ୍ନ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) GST ବ୍ୟତୀତ :** 6,87,725.00 (ପ୍ରତ୍ୟେକ କ୍ରମିକ ସଂଖ୍ୟା ନିମନ୍ତେ), ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540.00 (ପ୍ରତ୍ୟେକ କ୍ରମିକ ସଂଖ୍ୟା ନିମନ୍ତେ), EMD : ₹ 41,300.00 (ପ୍ରତ୍ୟେକ କ୍ରମିକ ସଂଖ୍ୟା ନିମନ୍ତେ)।

**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :**

**ତା 13.01.2020 ର 1500 ଘଟିକା।**

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ୍

PR-618/K/19-20



ଯଦି କୌଣସି ସ୍ତ୍ରୀ ଲୋକ ବୃଦ୍ଧା ହୋଇଥାନ୍ତି ତାଙ୍କୁ ମାତୃଜ୍ଞାନ କର, ଯଦି ସେ ଯୁବତୀ ହୋଇଥାନ୍ତି, ତାଙ୍କୁ ନିଜର ଭଉଣୀ ଜ୍ଞାନ କର, ଆଉ ଯଦି ସେ ବାଳିକା ହୋଇଥାନ୍ତି ତାହା ହେଲେ କନ୍ୟା।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ
## ନୂଆ ବର୍ଷରୁ ନୂଆ କାର୍ଯ୍ୟଖସଡ଼ା

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ସମୀକ୍ଷା କରିଛନ୍ତି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ। ୨୦୧୯ରେ ହାତକୁ ନିଆଯାଇଥିବା ସମସ୍ତ ଯୋଜନା ଏବଂ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହ ନୂତନ ବର୍ଷରେ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ନୂଆ କାର୍ଯ୍ୟଖସଡ଼ା ପ୍ରସ୍ତୁତି ନେଇ ସଚିବ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି। ବିଭାଗ ଦ୍ୱାରା ଚଳିତବର୍ଷ ବହୁ ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିଯୋଗୁ ରାଜ୍ୟର ମହିଳା ଓ ଶିଶୁଙ୍କ ବିକାଶ କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଆସିପାରିଛି। ଆଗାମୀ ଯୋଜନାଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସଫଳ ରୂପାୟନ କରିବା ପାଇଁ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପରଲୋକରେ ଗୀତିକାର କୁଳମଣି ଦାସ



**କଟକ ଅଫିସ, ୩୦।୧୨:** ଗୀତିକବି, ନୃତ୍ୟ ବିଶାରଦ, ଶିଶୁ ସାହିତ୍ୟିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ଗୀତିକାର ଏବଂ ମର୍ଦ୍ଦଳ ବାଦକ କୁଳମଣି ଦାସ(୬୯)ଙ୍କ କଟକ ତୁଳସୀପୁରସ୍ଥିତ ବାସଭବନରେ ସୋମବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କଲ୍ୟାଣୀ ଦାସ, ତିନି ଝିଅ ଓ ନାତୁଣୀନାତି ଉପସ୍ଥିତ ଥିଲେ। କୁଳମଣିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ୨୫ରୁ ଊର୍ଦ୍ଧ୍ୱ ନୃତ୍ୟନାଟିକା ଲେଖିଛନ୍ତି। ତାଙ୍କ ଲିଖିତ ବହୁ ଗୀତ ଏବଂ ନୃତ୍ୟ ନାଟିକା ଆକାଶବାଣୀ ଓ ଦୂରଦର୍ଶନରେ ପ୍ରସାରିତ ହୋଇଛି। ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ସେ ନୃତ୍ୟ ଶିକ୍ଷା କରି କଳା ବିକାଶ କେନ୍ଦ୍ର ସହ ଜଡ଼ିତ ଥିଲେ। ଜଣେ ସହକାରୀ ଶିକ୍ଷକ ଭାବେ ବିଭିନ୍ନ ସ୍କୁଲରେ କାର୍ଯ୍ୟ କରି ଶେଷରେ ତୁଳସୀପୁର ପୋଲିସ କଲୋନୀସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଶିକ୍ଷକତା ପାଇଁ ସେ ରାଜ୍ୟପାଳ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କ ଲିଖିତ ଶିଶୁନାଟକ ବିଲୁଆ ନନା, ଦେଶାତ୍ମବୋଧକ ନାଟକ 'ପୀଠ', ଲବଣି ଚୋର, ବୁଢ଼ା ଶଙ୍ଖାରୀ ଅତି ଲୋକପ୍ରିୟ ହୋଇଥିଲା। ସେ ଜଣେ ଦକ୍ଷ ସଙ୍ଗଠକ ଭାବେ ଚାଚା ଶିଶୁ କିଶୋର ଅନୁଷ୍ଠାନ, ବଉଳ, ଚେତକ କଳା ସଂସଦ ଓ ଧ୍ରୁବତାରା ଅନୁଷ୍ଠାନ ସହ ଜଡ଼ିତ ଥିଲେ।

## ତୁଳନା ନ କରି ନିଜକୁ ସମୀକ୍ଷା କଲେ ସଫଳତା ମିଳିବ: ଆନନ୍ଦ କୁମାର



**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ଅନ୍ୟ ସହ ତୁଳନା ନ କରି ନିଜକୁ ନିଜେ ସମୀକ୍ଷା କରି ଆଗକୁ ବଢ଼ିବାକୁ ଚେଷ୍ଟା କଲେ ନିଶ୍ଚୟ ସଫଳତା ମିଳିବ। ବିଶିଷ୍ଟ ପ୍ରବେଶିକା ପରୀକ୍ଷା ଶିକ୍ଷକ ଆନନ୍ଦ କୁମାର ଓଡ଼ିଶା ଗସ୍ତରେ ଆସି ଅଜୟ ବାହାଦୁରସିଂଙ୍କ ଦ୍ୱାରା ପରିଚାଳିତ 'ଜିନ୍ଦେଗୀ'ର ଛାତ୍ରୀଛାତ୍ରଙ୍କୁ ଏହି ପରାମର୍ଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ବ୍ୟତୀତ ସେମାନଙ୍କ ଅଭିଭାବକଙ୍କ ସହ ଆନନ୍ଦ ଆଲୋଚନା କରିଛନ୍ତି। ଓଡ଼ିଶା ସହ ୩ ବର୍ଷର ସମ୍ପର୍କ ଭିତରେ ଏଠାକାର ପିଲା ଭାରି ପରିଶ୍ରମୀ ଓ ଶୃଙ୍ଖଳିତ ବୋଲି କହି ସେ ପ୍ରଶଂସା କରିଛନ୍ତି। ପିଲାମାନେ ଭଲ ମାର୍ଗଦର୍ଶନ ପାଇ କଠିନ ପରିଶ୍ରମ କଲେ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ ବୋଲି ଆନନ୍ଦ କହିଥିଲେ।

### ଦୂରରୁ ଦିଶୁଛି ଲିଙ୍ଗରାଜ ମନ୍ଦିର ପାଚେରି
# ୨୦୨୦ରେ ନୂଆ ରୂପରେ ଝଲସିବ ଏକାମ୍ରକ୍ଷେତ୍ର

**ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ/ଡି.ଏନ୍.ଏ.)**

ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଚାଲିଛି। ସୋମବାର ସୁଦ୍ଧା ବଡ଼ ଉଚ୍ଛେଦ କାର୍ଯ୍ୟ ସାରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ମିଳିତ ଟିମ୍। ଏବେ ବିନ୍ଦୁସାଗର ରାସ୍ତାରୁ ମନ୍ଦିର ପାଚେରି ସ୍ପଷ୍ଟ ଭାବେ ଦିଶୁଛି। ମନ୍ଦିରର ଉତ୍ତର ପୂର୍ବ ପାର୍ଶ୍ୱରେ ଥିବା ଭଜନମଣ୍ଡପର ଉଚ୍ଛେଦ ବାକି ରହିଥିଲା। ତାହା ମଧ୍ୟ ରାତିରୁ ଆରମ୍ଭ ହୋଇଛି। ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଅବନିକାନ୍ତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଚ୍ଛେଦ ଚାଲିଛି। ଅନ୍ୟପକ୍ଷରେ ଉଚ୍ଛେଦ ସ୍ଥଳରୁ ଧୀରେ ଧୀରେ ଭଗ୍ନ ଅଂଶ ଓ ଆବର୍ଜନା ହଟାଇ ପରିଷ୍କାର କରାଯାଉଛି। ଅବଶିଷ୍ଟ ଛୋଟମୋଟ ଉଚ୍ଛେଦ କରାଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହେବ। ଉଚ୍ଛେଦ ପ୍ରକ୍ରିୟା ପ୍ରାୟତଃ ସରି ଆସୁଥିବାବେଳେ ଏକାମ୍ରକ୍ଷେତ୍ର ସଜେଇ ହେବାରେ ଲାଗିଛି। ପୁରୀ ଶ୍ରୀମନ୍ଦିର ଭଳି ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ପାଇଁ ମଧ୍ୟ ନକ୍ସା ପ୍ରସ୍ତୁତ ହୋଇଛି। ୨୦୨୦ରେ ଏକାମ୍ରକ୍ଷେତ୍ରର ନୂଆ ରୂପ ପର୍ଯ୍ୟଟକମାନେ ଦେଖିବେ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

ବିଡିଏ ପ୍ଲାନିଂ ବିଭାଗର ଜନୈକ ଅଧିକାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଯୋଜନା ଅନୁସାରେ ଏବେ ବିକାଶ କାର୍ଯ୍ୟ ଜାରି ରହିବ। ବ୍ୟବସାୟୀଙ୍କୁ ଥଇଥାନ କରିବା ପରେ ହେରିଟେଜ୍ ଇଣ୍ଟର ପ୍ରିଟିଶନ୍ ସେଣ୍ଟର, ଲିଙ୍ଗରାଜ୍ ଏଣ୍ଟ୍ରି ପ୍ଲାଜା, ରୋଡ୍ ଡେଭ୍‌ଲପ୍‌ମେଣ୍ଟ ଓ ଅନ୍ୟ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏଥିମଧ୍ୟରେ ନିୟମିତ ଭାବେ ବିଡିଏ କର୍ତ୍ତୃପକ୍ଷ ନଗର ଉନ୍ନୟନ ବିଭାଗ ଅଧିକାରୀ ଓ ପୂର୍ତ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷେ ମିଳିତ ଉଚ୍ଛେଦ ଟିମ୍‌ର ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି କହିଛନ୍ତି, ବଡ଼ ଉଚ୍ଛେଦରେ ବାକିଥିବା ଭଜନମଣ୍ଡପ ଭାଙ୍ଗିବା କାର୍ଯ୍ୟ ଠିକାସଂସ୍ଥା ନେଇଛି। ଉକ୍ତ ସଂସ୍ଥା ଉଚ୍ଛେଦ କରିବା ସହ ବାହାରିଥିବା ବାଲି ଗୋଡ଼ି, ଇଟା, ରଡ୍, ପରି ବର୍ଜ୍ୟକୁ ଉଠାଇବ। ଏନେଇ ଉକ୍ତ ସଂସ୍ଥା ବିଡିଏ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି ବୋଲି ସେ କହିଛନ୍ତି।



- ରାତିରେ ଆରମ୍ଭ ହେଲା ଭଜନ ମଣ୍ଡପ ଭଙ୍ଗା କାର୍ଯ୍ୟ
- ନୂଆବର୍ଷ ପରଠୁ ଆରମ୍ଭ ହେବ ବିକାଶ କାର୍ଯ୍ୟ
- ଯୋଜନା ଅନୁସାରେ ହେବ ସୌନ୍ଦର୍ଯ୍ୟକରଣ



ଅଧିକାରୀମାନେ ଉଚ୍ଛେଦ କାର୍ଯ୍ୟ ତଦାରଖ କରୁଛନ୍ତି




ଭଜନମଣ୍ଡପ ଭଙ୍ଗାଯାଉଛି

### ସବୁଜମୟ ହେବ ମନ୍ଦିର ଚତୁଃପାର୍ଶ୍ୱ, ଲାଗିବ ବଡ଼ ଗଛ

ମନ୍ଦିର ଚତୁଃପାର୍ଶ୍ୱରେ ବଡ଼ ବଡ଼ ଗଛ ଲଗାଯିବ। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ସହ ବିଏମ୍‌ସି ଆଲୋଚନା କରିଛି। ସୌନ୍ଦର୍ଯ୍ୟକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଉଚ୍ଛେଦ ସରିବା ପରେ ମନ୍ଦିର ଚାରିପାଖରେ ସବୁଜିମା ଭରା ପରିବେଶ ସୃଷ୍ଟି କରାଯିବାକୁ ବ୍ୟାପକ ବୃକ୍ଷରୋପଣ କରାଯିବ। ମନ୍ଦିର ପାର୍ଶ୍ୱରେ ଘାସ ଗାଲିଚା କରାଯାଇ ରକ୍ଷଣାବେକ୍ଷଣ ଯୋଜନା ରଖାଯାଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି।

### ସୌନ୍ଦର୍ଯ୍ୟକରଣ ପାଇଁ ଅଧିଗ୍ରହଣ ହେବ ସ୍ଥିତିବାନ ସମ୍ପତ୍ତି

ମନ୍ଦିର ଚତୁଃପାର୍ଶ୍ୱର ବିକାଶ କରିବାକୁ ହେଲେ କିଛି ସ୍ଥିତିବାନ ଜମିକୁ ଉଚ୍ଛେଦ କରାଯିବ। ଜମି ମାଲିକଙ୍କ ଆବଶ୍ୟକତା, ସମସ୍ୟା ଓ ଦାବିକୁ ଦୃଷ୍ଟିରେ ରଖି ଜମି ଅଧିଗ୍ରହଣ କରାଯିବ। ଏନେଇ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯିବା ସହ ଜାନୁୟାରୀ ଶେଷ ଅଥବା ଫେବୃୟାରୀରୁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯିବ।

### ପୁରୁଣା ମାର୍କେଟ କମ୍ପ୍ଲେକ୍ସ ସ୍ଥାନରେ ପାର୍କିଂ

ଶ୍ରୀଲିଙ୍ଗରାଜ ପୁରୁଣା ମାର୍କେଟ କମ୍ପ୍ଲେକ୍ସ ନିକଟରେ ପର୍ଯ୍ୟଟକଙ୍କ ଗାଡ଼ି ରଖାଯିବ। ଇତିମଧ୍ୟରେ ଭଙ୍ଗାଯାଇଥିବା ପୁରୁଣା ମାର୍କେଟ କମ୍ପ୍ଲେକ୍ସ ନିକଟରେ ପାର୍କିଂ ସ୍ଥାନର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟଟନ ଋତୁ ସକାଶେ ଅଧିକରୁ ଅଧିକ ପର୍ଯ୍ୟଟକ ଏକାମ୍ର କ୍ଷେତ୍ରକୁ ପରିଦର୍ଶନ ପାଇଁ ଆସୁଥିବାବେଳେ ପାର୍କିଂ ପାଇଁ ସ୍ଥାନ ନିଅଣ୍ଟ ପଡୁଥିବାରୁ ଏବେ ପାର୍କିଂ ସ୍ଥଳୀକୁ ସମ୍ପ୍ରସାରିତ କରାଯାଉଛି। ଉଚ୍ଛେଦ ପରେ ଏବେ ବାଲି ପଡ଼ି ତା' ଉପରେ ଟାଇଲ ବିଛା କାର୍ଯ୍ୟ ଚାଲିଛି।

### କାର୍ଯ୍ୟ ତଦାରଖ କରୁଛନ୍ତି ପୂର୍ତ୍ତ ସଚିବ

ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟକୁ ପ୍ରତିଦିନ ତଦାରଖ କରୁଛନ୍ତି ପୂର୍ତ୍ତ ସଚିବ ଡ଼. କ୍ରିଶନ କୁମାର। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ଓ ଅତିରିକ୍ତ କମିଶନରଙ୍କ ସହ ଏନେଇ ସଚିବ କୁମାର ଆଲୋଚନା କରୁଛନ୍ତି। ସୋମବାର ମଧ୍ୟ ବିଏମ୍‌ସି ଅତିରିକ୍ତ କମିଶନରଙ୍କ ସହ ସେ ଉଚ୍ଛେଦ ସ୍ଥଳକୁ ଗସ୍ତ କରି ଉଚ୍ଛେଦ କାର୍ଯ୍ୟ ତଦାରଖ କରିଥିବା ଦେଖିବାକୁ ମିଳିଥିଲା।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଶୁଭମ



ସୁରେଶ



କିରୁକିରଣ



ମାଧବାନନ୍ଦ



ମିନତି



ସୌଭାଗ୍ୟରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

### ସିଓ୍ୱାଇଏସ୍‌ଡିରେ ପ୍ରାକ୍ ବଜେଟ ବିତର୍କ
## ଏସ୍‌ଡିଜି ମାପଦଣ୍ଡରେ ହେଉ ରାଜ୍ୟ ବଜେଟ

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**

ରାଜ୍ୟ ବଜେଟରେ ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି କ୍ଷେତ୍ରର ବ୍ୟୟବରାଦ ଓ ବାସ୍ତବ ଖର୍ଚ୍ଚର ଦିଗଗୁଡ଼ିକୁ ଧ୍ୟାନ ଦିଆଯିବା ଆବଶ୍ୟକ। ବର୍ତ୍ତମାନ ସାରା ବିଶ୍ୱ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ୨୦୩୦ ହାସଲ କରିବା ଦିଗରେ ତତ୍ପର। ତେଣୁ ସମସ୍ତଙ୍କ ଅନ୍ତର୍ଭୁକ୍ତୀକରଣର ଲକ୍ଷ୍ୟ ହାସଲ ପାଇଁ ଏସ୍‌ଡିଜିର ମାପଦଣ୍ଡ ଆଧାରରେ ରାଜ୍ୟ ବଜେଟର ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସୋମବାର ଅନୁଷ୍ଠିତ ପ୍ରାକ୍ ବଜେଟ ବିତର୍କରେ ବକ୍ତାମାନେ ମତ ପୋଷଣ କରିଛନ୍ତି।

ସିଓ୍ୱାଇଏସ୍‌ଡି ଓ ସେଭ୍ ଦ ଚିଲ୍‌ଡ୍ରେନର ମିଳିତ ଆନୁକୂଲ୍ୟରେ ସିଓ୍ୱାଇଏସ୍‌ଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବିତର୍କରେ ଅବସରପ୍ରାପ୍ତ ପ୍ରଶାସକ ଯୁଗଳ କିଶୋର ମହାପାତ୍ର, ରାଜ୍ୟ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ରବି ନାରାୟଣ ସେନାପତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ହର ପ୍ରସାଦ ପଟ୍ଟନାୟକ, ଖବରଦାତା ଦିଲୀପ ବିଷୋୟୀ, ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରଦୀପ କୁମାର ବିଶ୍ୱାଳ, ଅର୍ଥ ବିଭାଗ ଯୁଗ୍ମ ସଚିବ ଡ. ସତ୍ୟପ୍ରିୟ ରଥ ଓ ସିଓ୍ୱାଇଏସ୍‌ଡିର ମାର୍ଗଦର୍ଶକ ତଥା ସହ-ପ୍ରତିଷ୍ଠାତା ଜଗଦାନନ୍ଦ ପ୍ରମୁଖ ଯୋଗ ଦେଇ ମତ ରଖିଥିଲେ। ଭିତ୍ତିଭୂମି ବିକାଶ ଜରିଆରେ ସାମାଜିକ ବିକାଶ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ମାତ୍ର ଭିତ୍ତିଭୂମିଗୁଡ଼ିକର କାର୍ଯ୍ୟକାରିତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ଦିଗକୁ ମଧ୍ୟ ସମାନ ଭାବେ ଧ୍ୟାନ ଦିଆଯିବା ଆବଶ୍ୟକ। କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ଆଧାରରେ ବଜେଟର ବ୍ୟୟବରାଦ ଓ ଖର୍ଚ୍ଚକୁ ଭିତ୍ତି କରି ପ୍ରତିବର୍ଷ ଏକ ବଜେଟ ଷ୍ଟେଟ୍‌ମେଣ୍ଟ ଆସିବା ଦରକାର ବୋଲି ବିତର୍କରେ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ସିଓ୍ୱାଇଏସ୍‌ଡି ତରଫରୁ ରାଜ୍ୟ ବଜେଟ ୨୦୨୦-୨୧ ପାଇଁ ୪ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମତାମତ ସଂଗ୍ରହ କରାଯିବା ପରେ ଏହି ବିତର୍କ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପଞ୍ଚାୟତ ପ୍ରତିନିଧି, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଶିକ୍ଷାବିତ୍‌ଙ୍କ ସମେତ ଗବେଷଣାରତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଲୋକସେବା ଭବନରେ ରକ୍ତଦାନ ଶିବିର

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଲୋକସେବା ଭବନଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟରତ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାବେଳେ ମୋଟ୍ ୭୩ ୟୁନିଟ୍ ସଂଗ୍ରହ କରାଯାଇଥିଲା।



ଶିବିରରେ ଦୁଇ କର୍ମଚାରୀ ରକ୍ତ ଦେଉଛନ୍ତି।

## ବଡ଼ଦାଣ୍ଡରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା

**ପୁରୀ ଅଫିସ,୩୦।୧୨:** ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠ ପରିସରରେ ଶ୍ରୀରାମ ସୁନ୍ଦର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ରସ ମହୋତ୍ସବ ଚାଲିଛି। ସୋମବାର ପଞ୍ଚମ ଦିବସରେ ଶ୍ରୀରାଧାଗୋପାଳ ଜୀଉଙ୍କ ବରଯାତ୍ରୀ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରିଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଙ୍କ ନେତୃତ୍ୱରେ ଗୋପାଳଜୀଉଙ୍କ ସୁସଜ୍ଜିତ ରଥ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ନିଆଁ ବନାଟି, ବିଭିନ୍ନ ପ୍ରକାର ମେଢ଼ ନୃତ୍ୟ, ଓଡ଼ିଶୀ ନୃତ୍ୟ, ହଟକେଶ୍ୱର ମହାଦେବଙ୍କ ଘଣ୍ଟବାଦ୍ୟ ଅଧିକ ଆକର୍ଷଣୀୟ କରିଥିଲା। ଏହାକୁ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ।

### ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**ପୁରୀ ଅଫିସ,୩୦।୧୨**

ଜିଲାରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲାର ଆଶଙ୍କା ପ୍ରବଣ କାରଖାନାର ପ୍ରତିନିଧିମାନେ ଯୋଗଦେଇଥିଲେ। କାରଖାନା ଓ ବାଷ୍ପିତ୍ର(ବଏଲର) ବିଭାଗର ଭୁବନେଶ୍ୱର ମଣ୍ଡଳ ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ସହ ନିର୍ଦ୍ଦେଶିକା ଇଂ. ଅର୍ଚ୍ଚନା ଦାଶ ଜିଲାର କାରଖାନାଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ ସ୍ୱାଇଁ, ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍. ଚନ୍ଦ୍ରଶେଖର ରାଓ, ସହ ଅଗ୍ନିଶମ ଅଧିକାରୀ ପ୍ରଦୀପ ରାଉତ, ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ ପ୍ରମୁଖ ଅନ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କଟକ ଅଫିସ,୩୦।୧୨**

ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ସମ୍ମିଳନୀର କେନ୍ଦ୍ରୀୟ କମିଟି ଭୁବନେଶ୍ୱର ଓ କଟକ ଶାଖା ସହ ଅନ୍ୟାନ୍ୟ ଶାଖାର କର୍ମକର୍ତ୍ତାମାନେ ରାଜଭବନ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିଭଳି କଟକ ଇଦ୍‌ଗା ପଡ଼ିଆ ଓ ଗୋରାକବରଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ କଟକ ଜିଲା ଶାଖା ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ, ମୁଖ୍ୟବକ୍ତା ପ୍ରଫେସର ବୈଷ୍ଣବ ସାମଲ, ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶାଖା ସଭାପତି ମହମ୍ମଦ କମରୁଲ୍ ହୋସେନ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆରେ ନାମ ଫଳକ ଅଭିଯାନ, ନ୍ୟାୟାଳୟ ଓ କାର୍ଯ୍ୟାଳୟରେ ଓଡ଼ିଆ ପ୍ରଚଳନ, ବିଦ୍ୟାଳୟମାନଙ୍କରେ ୨ଶହ ବା ୩ଶହ ମାର୍କର ଓଡ଼ିଆ ସାହିତ୍ୟ ଅଧ୍ୟାପନା ବାଧ୍ୟତାମୂଳକ, ନିତିଦିନିଆ ଜୀବନରେ ଓଡ଼ିଆ ଭାଷାର ବ୍ୟବହାର ଆଦି ପ୍ରସ୍ତାବ ଗୃହୀତ ହୋଇ ଏହାର କାର୍ଯ୍ୟକାରିତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ରାଜ୍ୟ ସଭାପତି ପାତ୍ର କହିଥିଲେ। ସୂଚନାଯୋଗ୍ୟ, ୧୯୦୩ ଡିସେମ୍ବର ୩୦ ଏବଂ ୩୧ ତାରିଖରେ କଟକର ଇଦ୍‌ଗା ପଡ଼ିଆରେ ଉତ୍କଳ ସମ୍ମିଳନୀ ଆନୁଷ୍ଠାନିକ ଭାବେ ଗଠନ ହୋଇଥିଲା।



ପୁରୀର ଏକ ହୋଟେଲରେ ରବିବାର ଆୟୋଜିତ ଏସ୍‌ସିଏସ୍ ମହାବିଦ୍ୟାଳୟ ୧୯୮୩ ଜୁନିୟର ବ୍ୟାଚ୍‌ର ବନ୍ଧୁମିଳନ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩୧/୨୦୧୯ Bhubaneswar, Tuesday, December 31/2019

## ସଂକ୍ଷେପରେ

### ପ୍ରିୟଦର୍ଶୀ ଆଇସିଏସ୍ଆଇ ଚେୟାରମ୍ୟାନ



**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** କମ୍ପାନୀ ସେକ୍ରେଟାରୀ ପ୍ରିୟଦର୍ଶୀ ନାୟକ ୨୦୨୦ ବର୍ଷ ପାଇଁ ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ)ର ପୂର୍ବ ଭାରତ ଆଞ୍ଚଳିକ ପରିଷଦର ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଅନ୍ୟ ସମସ୍ତ ପୂର୍ବ-ଭାରତୀୟ ରାଜ୍ୟଗୁଡ଼ିକୁ ନେଇ ପୂର୍ବ ଭାରତ ଆଞ୍ଚଳିକ ପରିଷଦ ଗଠିତ। ଉକ୍ତ ରାଜ୍ୟଗୁଡ଼ିକରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଏହି ପରିଷଦ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

### ଭେଣ୍ଡିଂ ଜୋନ୍‌ରେ ନିଆଁ, ଦୁଇ ଦୋକାନ ଜଳିଗଲା



**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ନୟାପଲ୍ଲୀ ୟୁନିଟ୍-୮ କଲ୍ୟାଣ ଆପାର୍ଟମେଣ୍ଟ ନିକଟ ଭେଣ୍ଡିଂ ଜୋନ୍‌ରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗି ଦୁଇ ଦୋକାନ ପୋଡ଼ିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ପ୍ରଥମେ ଏକ ଫଳ ଦୋକାନରେ ନିଆଁ ଅନ୍ୟ ଦୋକାନକୁ ବ୍ୟାପି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବାକୁ ଚେଷ୍ଟା କରି ଜଣେ ଦୋକାନୀ ଆହତ ହୋଇଥିବା ସୂଚନା ମିଳିଛି।

### ଟ୍ରକ ଧକ୍କାରେ ବାଇକ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୩୦।୧୨:** ୧୬ ନଂ. ଜାତୀୟ ରାଜପଥର ମଳିପଡାଠାରେ ସୋମବାର ରାତି ପ୍ରାୟ ୯ଟାରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯୁଗଳ ଚନ୍ଦ୍ର ବେହେରା(୪୫)। ତାଙ୍କ ଘର ପୁରୀ ଜିଲା ଗଡିଶାଗଡା ଥାନା ନଇକୂଳପାଟଣା ଗାଁରେ। ତେବେ ସେ ଖୋର୍ଦ୍ଧା ଜିଲା ନିରାକାରପୁରରେ ରହୁଥିଲେ। ସୋମବାର ସନ୍ଧ୍ୟାରେ ଗାଁରୁ ସେ ନିରାକାରପୁର ଫେରୁଥିଲେ। ରାଜପଥରେ ସେ ପଡି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଜଙ୍କିଆ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ରାତି ଯୋଗୁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷେ ଘଟଣାର ତଦନ୍ତ ପୋଲିସ ଆରମ୍ଭ କରିଛି। ତେବେ ମଳିପଡା ଲୋକ ଦୁର୍ଘଟଣା ଘଟାଇଥିବା ଟ୍ରକର ପିଛା କରି ଅଟକାଇଥିବା ଜଙ୍କିଆ ଥାନା ଆଇଆଇସି ସୂଚନା ଦେଇଛନ୍ତି।

ଏମ୍‌ସିଏଲ କୋଇଲା ଖଣିରୁ ବେଆଇନ କୋଇଲା ଚାଲାଣ ମାମଲା

### ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ଅନୁଗୋଳ ଏମ୍‌ସିଏଲ୍ କୋଇଲା ଖଣିରୁ ବେଆଇନ ଭାବେ କୋଇଲା ଚାଲାଣ କରିବା ଘଟଣାରେ ଏସ୍‌ଟିଏଫ୍ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ତାଳଚେର ତାଳବେଡା ଗ୍ରାମର ଶରତ ନାୟକ। ଘଟଣାକୁ ନେଇ ଏସ୍‌ଟିଏଫ୍ କେସ୍ ନଂ.୧୫/୧୯ ରୁଜୁ କରିଥିବାବେଳେ ଆଇପିସି ଦଫା ୩୭୯, ୪୧୩, ୧୨୦(ବି), ୪୨୦, ୪୬୮, ୪୭୧, ୪୭୨, ୩୪ ଓ ଆର୍ମ ଆକ୍ଟ ୨୫, ୨୭ ଅନୁଯାୟୀ ଶରତଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶରତ ଏବଂ ଏକାଧିକ ଅଭିଯୁକ୍ତ ରାତିରେ ଟ୍ରକ୍ ଲଗାଇ ଏମ୍‌ସିଏଲ୍ କୋଇଲା ଖଣିରୁ କୋଇଲା ଚୋରି କରି ଅନ୍ୟତ୍ର ବିକ୍ରି କରନ୍ତି। ଫଳରେ ସେମାନେ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏନେଇ ଏସ୍‌ଟିଏଫ୍ ନିକଟରେ ଅଭିଯୋଗ ହୋଇଥିଲା। ଏସ୍‌ଟିଏଫ୍ ୧୧ଟି ଟ୍ରକ୍ ଜବତ କରିବା ସହ ୧୪ ଜଣଙ୍କୁ ଗିରଫ କଲାଣି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜୋରଦାର କରାଯାଉଛି।

## ଶ୍ରୀମନ୍ଦିର ଐତିହ୍ୟ କରିଡ଼ର

# ରହିବ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରାର ଗାଥା

**ପୁରୀ ଅଫିସ,୩୦।୧୨**





ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଶୋଭାପାଇବ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଭାସ୍କର୍ଯ୍ୟ। କାନ୍ଥବାଡ଼ରେ ଲିପିବଦ୍ଧ ହେବ ମହାପ୍ରଭୁଙ୍କ ମହିମା। ରତ୍ନ ସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ଫେରିଗଲେ ବି ଆଖିରେ ଲାଖିରହିବ ପୁରୀ। ପୁଣିଥରେ ପୁରୀ ଆସିବାକୁ ମନ ବଳାଇବ। ଏଥିପାଇଁ ପ୍ରସ୍ତୁତ ହୋଇଛି ଐତିହ୍ୟ କରିଡରର ବ୍ଲୁ ପ୍ରିଣ୍ଟ। ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇ ଐତିହ୍ୟ କରିଡ଼ର ବ୍ଲୁ ପ୍ରିଣ୍ଟ ସମ୍ପର୍କରେ ସମୀକ୍ଷା କରାଯାଇଛି।

ଚାରିଧାମ ମଧ୍ୟରୁ ଶ୍ରେଷ୍ଠ ପୁରୀଧାମ। ଶ୍ରୀକ୍ଷେତ୍ରର ମାଟି, ପାଣି, ପବନ ସବୁଥିରେ ଭରିରହିଛି ପବିତ୍ରତା। ଏମିତି ଅନେକ ଆସ୍ଥା ଓ ବିଶ୍ୱାସ ନେଇ ହଜାର ହଜାର ଶ୍ରଦ୍ଧାଳୁ ପ୍ରତ୍ୟହ ପୁରୀ ଆସିଥାନ୍ତି। ତେଣୁ ସେମାନଙ୍କ ମନରେ ଆଧ୍ୟାତ୍ମିକ ଭାବନା ଯେପରି ଆହୁରି ଜାଗ୍ରତ ହେବ ସେ ଦିଗରେ ପ୍ରୟାସ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଏବଂ ଏହାର ଚତୁଃପାର୍ଶ୍ୱକୁ ନୂଆ ରୂପ ଦିଆଯିବ। ମେଘନାଦ ପାଚେରିକୁ ଲାଗି ୭୫ ମିଟର ପରିଧି ମଧ୍ୟରେ ସୃଷ୍ଟି ହେବ ଐତିହ୍ୟ କରିଡର। ବଦଳିଯିବ ଏବେକାର ଚିତ୍ର। ସୁରକ୍ଷା ଜୋନ ପାଇବ ନୂଆ ରୂପ। ଶ୍ରଦ୍ଧାଳୁମାନେ ପୁରୀ ଆସିଲେ ପାଇବେ ଆଧ୍ୟାତ୍ମିକ ବାର୍ତ୍ତା। ଫେରିଲାବେଳେ ସାଥିରେ ନେବେ ଶ୍ରୀଜଗନ୍ନାଥ ପରମ୍ପରା ଓ ସଂସ୍କୃତିର ଗାଥା। ଏଥିଲାଗି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିର୍ମାଣ ହେବ ବିଭିନ୍ନ କଳାକୃତି। ଐତିହ୍ୟ କରିଡରରେ ରହିବ ମହାପ୍ରଭୁଙ୍କ ଗାଥା। ସୃଷ୍ଟି କରାଯିବ ସବୁଜ ବଳୟ। ସ୍ୱତନ୍ତ୍ର ପରିକ୍ରମା ମାର୍ଗରେ ଭକ୍ତ ବୁଲି ବୁଲି ସାଉଣ୍ଟିବେ ଅନେକ କାହାଣୀ। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଐତିହ୍ୟ କରିଡର ସମ୍ପର୍କରେ ଏମିତି ଅନେକ କିଛି ଆଲୋଚନା ହୋଇଛି। ପୁରୀକୁ ଦୈନିକ ଆସୁଥିବା ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାର ପରମ୍ପରା ବହନ କରୁଥିବା ମଠ, ମନ୍ଦିର, ଗାଦିର ଉନ୍ନତୀକରଣ ସହିତ ସଂସ୍କୃତି ଯେପରି କ୍ଷୁଣ୍ଣ ନ ହୁଏ ସେନେଇ ପ୍ରଚେଷ୍ଟା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ସୁବାସ ପାଣି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଡ. ହରେକୃଷ୍ଣ ଶତପଥୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଦର୍ଶନାର୍ଥୀଙ୍କ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ଏବଂ ସେମାନେ କିପରି ସୁଖଦ ଅନୁଭୂତି ସାଉଣ୍ଟି ଫେରିବେ ସେଥିଲାଗି ୭୫ ମିଟର କରିଡର ମଧ୍ୟରେ କ'ଣ କ'ଣ କରାଯିବ ସେ ବିଷୟରେ ଆଲୋଚନା ହୋଇଛି।

# ସଭାରୁ ଉଠି ଥାନା ଆଗରେ ବିଷ ପିଇଲେ ବୃଦ୍ଧ

**ପୁରୀ ଅଫିସ,୩୦।୧୨**

ଚନ୍ଦନପୁର ଥାନା ପରିସରରେ ସୋମବାର ରାତିରେ ଏକ ସଭା ଚାଲିଥିଲା। ତେବେ ଅଚାନକ ଜଣେ ବୃଦ୍ଧ ସଭାରୁ ଉଠି ଥାନା ଆଗରେ ବିଷ ପିଇଦେଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଲୋକେ ଆଚମ୍ବିତ ହୋଇଯାଇଥିବାବେଳେ ଗୁରୁତର ଅବସ୍ଥାରେ ବୃଦ୍ଧଙ୍କୁ ପ୍ରଥମେ ଚନ୍ଦନପୁର ମେଡିକାଲ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ସେ ହେଲେ ବୀର ପ୍ରତାପ ପୁରୁଷୋତ୍ତମପୁର ନୂଆଗାଁର ଆନନ୍ଦ ଜେନା(୬୦)।

ସୂଚନା ଅନୁଯାୟୀ, ନିକଟରେ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବତୀ ବୃଦ୍ଧଙ୍କ ନାମରେ ବଳାତ୍କାର ଉଦ୍ୟମ ଅଭିଯୋଗ ଆଣିଥିଲେ। ଏ ନେଇ ପୀଡ଼ିତାର ପରିବାର ଅଭିଯୋଗକ୍ରମେ ପୋଲିସ ବୃଦ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ। ପରେ ଉଭୟ ପକ୍ଷରେ ମଧ୍ୟରେ ଆଲୋଚନା କରି ଆପୋସ ସମାଧାନ ଲାଗି ଥାନାଧିକାରୀ ସହ କଥାବାର୍ତ୍ତା ହୋଇଥିଲେ।

**ଥାନା ପରିସରରେ ଚାଲିଥିଲା ସଭା**

ସୋମବାର ରାତି ପ୍ରାୟ ସାଢେ ୭ଟାରେ ଥାନା ପରିସରରେ ଥିବା ମଣ୍ଡପରେ ଉଭୟ ଗ୍ରାମର ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା ଚାଲିଥିଲା। ଏହି ଘଟଣାର ସମାଧାନ ଲାଗି ପୀଡ଼ିତାଙ୍କ ପକ୍ଷରୁ ସମ୍ପର୍କୀୟ ଓ ଗ୍ରାମବାସୀ ୫ଲକ୍ଷ ଦାବି କରିଥିଲେ। ପରେ ୨ଲକ୍ଷ ଦେବା ଲାଗି ବୃଦ୍ଧ ଜଣକ କୁଆଡ଼େ ରାଜି ହୋଇଥିଲେ ବୋଲି କୁହାଯାଉଛି। କିନ୍ତୁ ହଠାତ୍ ସେ ସଭା ଅଧାରୁ ଉଠି ଚାଲିଯାଇଥିଲେ। କିଛି ସମୟ ପରେ ବୃଦ୍ଧ ଜଣକ ଥାନା ଆଗରେ ବିଷ ପିଇ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ପୋଲିସଙ୍କୁ ଜଣାଇବା ସହ ବୃଦ୍ଧଙ୍କୁ ହସ୍ପିଟାଲ ପଠାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ବାମଦେବ ନନ୍ଦଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ଉଠାଇ ନ ଥିଲେ।

## ମହିଳା ଖବରଦାତାଙ୍କୁ ଆକ୍ରମଣ ଘଟଣା

# ଏସ୍‌ପ୍ଲାନେଡ୍ ମଲ୍ ସମ୍ମୁଖରେ ଧାରଣା ଜାରି






**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ଏସ୍‌ପ୍ଲାନେଡ୍ ୱାନ୍ ମଲ୍‌ରେ ଜଣେ ମହିଳା ଖବରଦାତାଙ୍କୁ ଆକ୍ରମଣ ଓ ଅସଦାଚରଣ କରାଯିବା ପ୍ରତିବାଦରେ ରବିବାର ଦିଆଯାଇଥିବା ଧାରଣା ସୋମବାର ମଧ୍ୟ ଜାରି ରହିଥିଲା। ଆକ୍ରମଣର ଶିକାର ଖବରଦାତା ଏବଂ ଅନ୍ୟ ମହିଳାମାନେ ମଲ୍ ସମ୍ମୁଖ ଧାରଣାସ୍ଥଳରେ ଉପସ୍ଥିତ ରହିଥିଲେ। ସେମାନେ ମଲ୍ ମାଲିକଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହ ପୋଲିସର ମଲ୍ ମାଲିକଙ୍କ ସହ ସଲାସୁତୁରାକୁ ବିରୋଧ କରିଥିଲେ। ଏଥିରେ ଏକାଧିକ ମହିଳା ସଂଗଠନ ଏବଂ ଫିଲ୍ମ ଅଭିନେତା ଏବଂ ଅଭିନେତ୍ରୀ ଯୋଗଦେଇଥିଲେ। ଧାରଣାରତ ମହିଳା ଖବରଦାତା ଅଭିଯୋଗ କରିଥିଲେ ଯେ, ରବିବାର ରାତିରେ ଗିରଫ ହୋଇଥିବା ମାର୍କେଟିଂ ଅଧିକାରୀ ଶ୍ୟାମା ଝାଙ୍କ ବିରୋଧରେ ପୋଲିସ କୋହଳ ଦଫା ଲଗାଇ କୋର୍ଟ ଚାଲାଣ କରିଥିଲା। ଫଳରେ ସେ ରାତାରାତି ଜାମିନରେ ବାହାରି ଆସିଥିଲେ। ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହେବା ସତ୍ତ୍ୱେ ପୋଲିସ ଆଇପିସି ଦଫା ୩୦୭ କାହିଁକି ଲଗାଇ ନ ଥିଲା। ତେଣୁ ପୋଲିସ ଓ ମଲ୍ ମାଲିକଙ୍କ ମଧ୍ୟରେ ଭିତିରି ବୁଝାମଣା ହୋଇଛି। ଫଳରେ ପୋଲିସ ମଲ୍ ମାଲିକ ଓ ଅନ୍ୟ କର୍ମଚାରୀଙ୍କୁ ଘଷ୍ଟ ଘୋଡାଉଛି। ତେଣୁ ମଲ୍ ମାଲିକ ଏବଂ ଶ୍ୟାମା ଝାଙ୍କ ବିରୋଧରେ ଦଫା ୩୦୭ ଲଗାଯାଉ। ଅନ୍ୟପକ୍ଷରେ ଏଭଳି ଆକ୍ରମଣକୁ ଏବିଭିପି ପକ୍ଷରୁ ନିନ୍ଦା କରାଯିବା ସହ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଏବିଭିପି କାର୍ଯ୍ୟକର୍ତ୍ତାମାନେ ଦାବି କରିଥିଲେ। ସୂଚନାଥାଉ କି ଆକ୍ରମଣ ଘଟଣା ପ୍ରତିବାଦରେ ବିଭିନ୍ନ ଜିଲାରେ ଖବରଦାତା ଓ ସାମାଜିକ କର୍ମୀମାନଙ୍କ ପକ୍ଷରୁ ମଧ୍ୟ ସୋମବାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ରାଜ୍ୟରେ ବୃଦ୍ଧି ପାଇଛି ହେନ୍ତାଳ ବନ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ଗତ ଦୁଇବର୍ଷରେ ରାଜ୍ୟରେ ୮ କିଲୋମିଟର ହେନ୍ତାଳ ବନ ବୃଦ୍ଧି ପାଇଛି। 'ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ-୨୦୧୯'ରୁ ଏହି ସୂଚନା ମିଳିଛି। ରିପୋର୍ଟ ଅନୁସାରେ, ଦେଶରେ ହେନ୍ତାଳ ବନ ବୃଦ୍ଧି କରିଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ପ୍ରଥମରେ ଗୁଜରାଟ ଥିବାବେଳେ ଦ୍ୱିତୀୟରେ ମହାରାଷ୍ଟ୍ର ରହିଛି। ସୋମବାର କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଏହି ରିପୋର୍ଟକୁ ଉନ୍ମୋଚନ କରିଥିଲେ। ଦୁଇବର୍ଷରେ ଦେଶରେ ୫ ହଜାର ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଭିଜିଲାନ୍ସ ଜାଲରେ ରାଇଘର ବ୍ଲକ୍ କନିଷ୍ଠ ଯନ୍ତ୍ରୀ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)/ଉମରକୋଟ(ଡି.ଏନ୍.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ଜେନାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଏଥିସହ ନିରଞ୍ଜନଙ୍କ ଉମରକୋଟ ଗୁଳିପାଟଣା ସାହିସ୍ଥିତ ଭଡାଘର, ରାଇଘରସ୍ଥିତ କାର୍ଯ୍ୟାଳୟ ଓ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ବଇତାଲୁପାଟଣାରେ ଥିବା ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି। ସେହିଭଳି ଭୁବନେଶ୍ୱରର ଖାରବେଳନଗରଠାରେ ଥିବା ଘର, କଳାରାହାଙ୍ଗସ୍ଥିତ ଅସୀମା ରେସିଡେନ୍ସି, କଳିଙ୍ଗବିହାରରେ ଥିବା ଏକ ଘର ଓ ଫ୍ଲାଟ୍ ନଂ.ଏଲ୍ଆଇଜି-୧୦୫ରେ ଥିବା ଫ୍ଲାଟ୍‌ରେ ଭୁବନେଶ୍ୱର ଭିଜିଲାନ୍ସ ଏବଂ ଜୟପୁର ଭିଜିଲାନ୍ସ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଚଢାଉରେ ମୋଟ ୧କୋଟି ୨୫ହଜାର ୨୭୧ ଟଙ୍କାର ସମ୍ପତ୍ତି ମିଳିଥିବା ଭିଜିଲାନ୍ସ କହିଛି। ଭୁବନେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ଏ.କେ. ବରୁଆ, ଭୃଙ୍ଗରାଜ ବିଶ୍ୱାଳ ଏବଂ ଜୟପୁର ଭିଜିଲାନ୍ସ ଇନ୍ସପେକ୍ଟର ସନ୍ତୋଷ ବେହେରା ଓ ଆରତି ନାୟକ ଚଢାଉରେ ସାମିଲ ଥିଲେ।

- ନବରଙ୍ଗପୁର, ଭୁବନେଶ୍ୱର, ଯାଜପୁରର ଏକାଧିକ ସ୍ଥାନରେ ଚଢ଼ାଉ
- ୧କୋଟି ୨୫ ହଜାର ୨୭୧ ଟଙ୍କାର ସମ୍ପତ୍ତି ଠାବ









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

